# ମଧୁର ମକା

## ଏକ ଲାଭଜନକ ଫସଲ



ଭାକୃଅନୁପ
ICAR


କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମଧୁର ମକା

## ଏକ ଲାଭଜନକ ଫସଲ




ଶ୍ରୀ ତାପସ ରଞ୍ଜନ ସାହୁ
ବିଶେଷଜ୍ଞ (ଶସ୍ୟ ବିଜ୍ଞାନ)

ଡଃ. ସୂର୍ଯ୍ୟ ନାରାୟଣ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ICAR

# ମଧୁର ମକା ଏକ ଲାଭଜନକ ଫସଲ


ସଂପାଦନା:

**ଡ. ସୂର୍ଯ୍ୟ ନାରାୟଣ ମିଶ୍ର**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ:

**ଶ୍ରୀ ତାପସ ରଞ୍ଜନ ସାହୁ**
ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ପ୍ରକାଶକ:

**କୃଷି ବିଜ୍ଞାନ କେନ୍ଦ୍ର**
କେନ୍ଦ୍ରାପଡ଼ା

ମୁଦ୍ରଣ:

**ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର**
ଫୋନ୍: ୯୪୩୭୦୭୭୩୩୭

**Edited by:**
**Dr. Surya Narayan Mishra**
**Sr. Scientist and Head**
**Krishi Vigyan Kendra,**
**Kendrapara**

**Prepared by:**

**Sri Tapas Ranjan Sahoo**
**SMS (Agronomy)**

**Published by:**
**Krishi Vigyan Kendra,**
**Kendrapara**

**Printed by:**
**Ankita Graphics, Bhubaneswar**
**Ph.: 9437077337**



ଶସ୍ୟଜାତୀୟ ଫସଲମାନଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର, ଚାହିଦାଯୁକ୍ତ, ଅଧିକ ଅମଳକ୍ଷମ ସର୍ବୋପରି ସାରା ବିଶ୍ୱରେ ଆଦୃତ ହୋଇପାରିଥିବାରୁ ମକାକୁ ଶସ୍ୟମାନଙ୍କ ମଧ୍ୟରେ ରାଣୀ କୁହାଯାଏ । ଆମଦେଶର ଧନୀଠାରୁ ଗରିବ ସବୁ ଲୋକମାନଙ୍କ ଭିତରେ ମକାର ଚାହିଦା ରହିଛି । ଆଦିବାସୀ ପ୍ରବଣ ତଥା ଅନୁନ୍ନତ ମାଳ ଅଞ୍ଚଳରେ ଅଦ୍ୟାବଧି ଦେଶୀ କିସମର ମକାଚାଷ କରାଯାଉଛି । ଏହା ଗରିବ ଲୋକମାନଙ୍କର ଖାଦ୍ୟନିରାପତ୍ତାକୁ ବଜାୟ ରଖିବାରେ ବେଶ୍ ସହାୟକ ହୁଏ । ଆମ ଦେଶର ଆନ୍ଧ୍ରପ୍ରଦେଶ, ତାମିଲ୍‌ନାଡୁ ଆଦି ପ୍ରଦେଶରେ ମକା ଚାଷର ଉତ୍ପାଦିକତା ବେଶ୍ ଅଧିକ । ଆମ ଓଡ଼ିଶାରେ ଯଦିଓ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ଏହା ପ୍ରଭୂତଭାବେ ଚାଷ କରାଯାଉଛି; କିନ୍ତୁ ଉନ୍ନତ ବୈଜ୍ଞାନିକ ଜ୍ଞାନକୌଶଳର ଅଭାବଯୋଗୁ ଉତ୍ପାଦିକତା ବହୁତ ତଳେ ରହିଛି । ଆମ ରାଜ୍ୟରେ ପ୍ରମୁଖ ବୃଷ୍ଟିପାତ ଜୁନ୍-ଜୁଲାଇରୁ ସେପ୍ଟେମ୍ବର ମାସରେ ହେଉଥିବାରୁ, ଉଚ୍ଚ ନିଗିଡ଼ା ଜମିରେ ଖରିଫ୍ ଋତୁରେ ପ୍ରାୟ ମକା ଚାଷ ହୋଇଥାଏ । ଖରିଫ୍ ଋତୁରେ ରାଜ୍ୟର ୨୬୧୬୬୦ ହେକ୍ଟର ଜମିରେ ହେକ୍ଟରପିଛା ୨୩୬୧ କ୍ୱିଣ୍ଟାଲ ଅମଳ ହେଉଥିବା ବେଳେ ରବି ଋତୁରେ ଜଳସେଚିତ ଅଞ୍ଚଳର ୧୯୦୧୦ ହେକ୍ଟରରେ ୨୯.୪୮ କ୍ୱି/ହେକ୍ଟର ମକା ଉତ୍ପାଦନ ହୁଏ । ଆମ କେନ୍ଦୁଝର ଜିଲ୍ଲାରେ ସର୍ବମୋଟ ୨୬,୬୫୦ ହେକ୍ଟର ଜମିରେ

ମକା ଚାଷ ହୁଏ। ସେଥି ମଧ୍ୟରୁ ୨୬,୩୩୦ ହେକ୍ଟରରେ ଖରିଫ୍ ମକା ଚାଷ ହୁଏ। ଏହି ଖରିଫ ମକା ମଧ୍ୟରୁ ୩୫୮୦ ହେକ୍ଟରରେ ଦେଶୀ କିସମ ଚାଷ ହୋଇଥାଏ। ଯାହାର ଉତ୍ପାଦିକତା ୧୦ କ୍ୱିଣ୍ଟାଲରୁ ମଧ୍ୟ କମ୍। ରବି ଋତୁରେ ମାତ୍ର ୩୨୦ ହେକ୍ଟର ଜମିରେ ମକା ଚାଷ ହୋଇଥାଏ। ବସ୍ତୁତଃ ଆମ ଜିଲ୍ଲାର ମକା ଚାଷରେ ଉତ୍ପାଦିକତା ବହୁତ୍ କମ୍, ହେକ୍ଟରପିଛା ମାତ୍ର ୧୭.୫୯ କ୍ୱିଣ୍ଟାଲ। ଜିଲ୍ଲାର ମୋଟ ବୃଷ୍ଟିପାତ ମଧ୍ୟରୁ ୮୦ ପ୍ରତିଶତ ଖରିଫ୍ ଋତୁରେ ହେଉଥିବାରୁ, ଆମର ଉଚ୍ଚା, ନିଗିଡ଼ା ଜମି ଖରିଫ୍ ମକାଚାଷ ପ୍ରତି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ ଜିଲ୍ଲାର ଭୂମିରୂପ ପାହାଡ଼ିଆ ଶ୍ରେଣୀର ହୋଇଥିବାରୁ ଉଚ୍ଚ, ନିଗିଡ଼ା ଜମିରେ ଖରିଫ୍ ମକା ଭଲ ହୋଇଥାଏ। ଆମ ଜିଲ୍ଲାରେ ଅଦ୍ୟାବଧି ଦେଶୀକିସମ, ଅଧିକ ଅମଳକ୍ଷମ ଓ ହାଇବ୍ରିଡ଼ କିସମ ମକା ଚାଷ କରାଯାଉଛି। କିନ୍ତୁ ମକାର ପ୍ରକାର ଓ ମଞ୍ଜି ଗଠନ ଅନୁସାରେ ଏହାକୁ ୬ଭାଗରେ ବିଭକ୍ତ କରାଯାଏ। ଆମର ଚାଷହେଉଥିବା ମକା ବ୍ୟତୀତ ମଧୁର ମକା ଯାହାକୁ ଇଂରାଜୀରେ ସୁଇଟ୍ କର୍ନ କୁହାଯାଏ ତାହା ମଧ୍ୟ ଏଠାରେ ଭଲଭାବରେ ଚାଷ କରାଯାଇ ପାରିବ। ଏହାର ସ୍ୱାଦ ଯୋଗୁଁ ଏହି ମକା ସାଧାରଣ ମକାଭଳି ହୋଇଥିଲେ ମଧ୍ୟ ମୂଲ୍ୟ ଦୁଇଗୁଣ ଅଧିକ ରହିଥାଏ। ତେଣୁ ଆମ ଜିଲ୍ଲାରେ ସମ୍ଭାବନା ଏବଂ ନିକଟସ୍ଥ ଶିଳ୍ପ ସହର ଗୁଡ଼ିକର ବଜାର ଚାହିଦାକୁ ଲକ୍ଷ୍ୟକରି ଚାଷିମାନେ ମଧୁରମକା ଚାଷକଲେ ବେଶ୍ ଲାଭବାନ ହୋଇ ପାରିବେ। ଚାଷୀମାନେ ମଧୁର ମକା ଉତ୍ପାଦନକାରୀ ସଂଘ ବା କୃଷକ କ୍ଲବ୍ ଗଠନ କରି ଏହି ଫସଲର ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିବେ ଓ ଅଧିକ ଲାଭବାନ ହୋଇପାରିବେ।



## ମକାର ପ୍ରକାର ଭେଦ

ମକାକୁ ମଞ୍ଜିର ଗଠନ, ଆକୃତି ଓ ଏହାର ବ୍ୟବହାର ଅନୁସାରେ ୬ପ୍ରକାରରେ ବିଭକ୍ତ କରାଯାଇଛି । ତନ୍ମଧ୍ୟରୁ କେତୋଟି ସାଧାରଣ ଚାଷ କରାଯାଉଥିବା ମକା ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

### ସାଧାରଣ ମକା



ସାଧାରଣତଃ ପାକଳ ହେବା ପରେ ଏହାର ମଞ୍ଜିକୁ କୁକୁଡ଼ାଖାଦ୍ୟ, ଗୋ-ଖାଦ୍ୟ ଏବଂ କେତେକ ସ୍ଥଳବିଶେଷରେ ମଣିଷମାନଙ୍କ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ ।

### ବେବିକର୍ନ



ବେବିକର୍ନ ହେଉଛି ଅଙ୍ଗୁଳି ଆକାରର ପରଗ ସଂଗମ ହୋଇନଥିବା ମକା ଯାହାକି ସିଲ୍କ ବାହାରିବାର ଦୁଇରୁ ତିନି ଦିନ ପରେ ତୋଳାଯାଇଥାଏ । ଏହାକୁ ପରିବା ଆକାରରେ କଞ୍ଚା କିମ୍ବା ରାନ୍ଧି ଖିଆଯାଏ ।

### ମିଠା ମକା



ଏହି ମକା ଖୁବ୍ ନରମ ଏବଂ କଞ୍ଚା ମକା ହିସାବରେ ପୋଡ଼ି ଖାଇଲେ ଖୁବ୍ ମିଠା ଲାଗେ । ଏହି ମକାକୁ ମଧୁର ମକା ବା ମିଠା ମକା କୁହାଯାଏ । ଏହାକୁ ତୋଳିବାର ୪୮ ଘଣ୍ଟା ମଧ୍ୟରେ ବ୍ୟବହାର କରିବା ଉଚିତ୍ । ନଚେତ୍ ଏହାର ମିଠାଅଂଶ କମିଯାଏ ଏବଂ ଖାଇବା ଉପଯୋଗି ହୋଇ ପାରେ ନାହିଁ ।

**ପପ୍‌କର୍ନ:** ପପ୍‌କର୍ନ ପୃଥିବୀର ସବୁ ଜାଗାର ଲୋକମାନଙ୍କ ଦ୍ୱାରା ଆଦୃତ, ଏହାର ଦାନା ଛୋଟ ଏବଂ ଭାଜିଖଇ କରାଯାଏ । ଖାଇବାକୁ ଏହା ସୁସ୍ୱାଦୁ ଅଟେ ।

**ଉତ୍ତମ ପୁଷ୍ଟିଯୁକ୍ତ ମକା:** ଏହା ଖାଇବାକୁ ସାଧାରଣ ମକା ପରି କିନ୍ତୁ ଏଥିରେ ମଣିଷ ଶରୀରପାଇଁ ଆବଶ୍ୟକୀୟ ପୋଷକଗୁଣ ସବୁ ଅଧିକ ମାତ୍ରାରେ ରହିଛି। ଗରିବଲୋକମାନେ ସାଧାରଣ ମକା ବଦଳରେ ଏହାକୁ ଚାଷକରି ଖାଇଲେ ଶରୀରକୁ ଅଧିକ ପୁଷ୍ଟି ମିଳିଥାଏ।

**ସବୁଜ ଗୋଖାଦ୍ୟ :** ଏହି ମକାକୁ ଖାଇବାକୁ ଦେଲେ ଗୃହପାଳିତ ପଶୁମାନଙ୍କର କ୍ଷୀର ଦେବା ଶକ୍ତି ବୃଦ୍ଧି ହୋଇଥାଏ। ଏହା ବର୍ଷସାରା ଚାଷ କରାଯାଇ ପାରେ।

## ଜଳବାୟୁ ଓ ମୃତ୍ତିକା

ମଧୁର ମକା ପାଇଁ ଉଷ୍ମ ଜଳବାୟୁ ଆବଶ୍ୟକ ହୋଇଥାଏ। ସମୁଦ୍ର ପତ୍ତନଠାରୁ ଏହା ୩୦୦୦ମିଟର ଉଚ୍ଚ ପର୍ଯ୍ୟନ୍ତ ଚାଷ ହୋଇଥାଏ। ଆମ ଜିଲ୍ଲାରେ ବର୍ଷାଦିନେ ନିଗିଡ଼ା ଜମିରେ ଏହା ଚାଷ କରାଯାଉଥିବା ବେଳେ ଖରାଦିନେ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଏହା ଚାଷ କରାଯାଇ ପାରିବ। ମକା ଫସଲରେ ଫୁଲ ଆସିବା ସମୟରେ ଅତ୍ୟଧିକ ଉତ୍ତାପ ବା କମ୍ ଆର୍ଦ୍ରତା ରହିଲେ ଭଲ ମକାଦାନା ଗଠନ ହୋଇପାରେ ନାହିଁ। ଯେଉଁ ସମୟରେ ରାତ୍ର ତାପମାତ୍ରା ୧୬ଡ଼ିଗ୍ରୀ ସେଣ୍ଟିଗ୍ରେଡ଼ରୁ କମ୍ ହୁଏ ଏହି ଫସଲ ସେ ସମୟରେ କରିବା ଅନୁଚିତ୍। ସେଥିପାଇଁ କେନ୍ଦୁଝର, ଚମ୍ପୁଆ ଆଦି ଉପଖଣ୍ଡରେ ରବି ଋତୁରେ ମକାମଞ୍ଜି ବୁଣିଲା ବେଳେ ତାପମାତ୍ରା ପ୍ରତି ସତର୍କ ଦୃଷ୍ଟି ରଖିବା ଆବଶ୍ୟକ।

ବର୍ଷାଦିନେ ଜୁନ୍ ମାସରେ ଓ ଶୀତଦିନିଆ ଫସଲ ଅକ୍ଟୋବର ମାସ ମଧ୍ୟ ଭାଗରୁ ନଭେମ୍ବର ମାସ ମଧ୍ୟ ଭାଗରେ ବୁଣିଲେ ଅମଳ ଭଲ ହୋଇଥାଏ। ଖରାଦିନେ ପାଣି ସୁବିଧା ଥିଲେ ଫେବୃୟାରୀ ମାସରେ ବୁଣାଯାଇ ପାରିବ।

## ବିହନ ଓ ବିହନ ପରିମାଣ



ଉନ୍ନତ ମଧୁର ମକା ବିହନମାନଙ୍କ ମଧ୍ୟରୁ ଆମ ଅଞ୍ଚଳରେ ମାଧୁରୀ, ପ୍ରୀୟା ଓ ହାଇବ୍ରିଡ଼ ସୁଗାର-୭୫ ଓ ସ୍ୱିଟ ପର୍ଲ ଉପଲବ୍ଧ। ଏହା ୭୦-୭୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଏଥିପାଇଁ ଏକରକୁ ୩-୪କି.ଗ୍ରା. ବିହନ ଆବଶ୍ୟକ ବିହନକୁ

ବୁଣିବା ପୂର୍ବରୁ ବିଶୋଧନ କରିବା ଉଚିତ୍। ପ୍ରତି ୧କି.ଗ୍ରା. ବିହନ ପାଇଁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଭିଟାଭାକ୍ସ ପାଓ୍ୱାର ମିଶାଇ ବିଶୋଧନକରି ବୁଣିବାକୁ ପଡ଼ିବ। ଏହା ପର ମୁହୂର୍ତ୍ତରେ ଗଜାମରା ଓ ଅନ୍ୟାନ୍ୟ କବକଜାତୀୟ ରୋଗକୁ ନିୟନ୍ତ୍ରଣ କରିଥାଏ। ମଞ୍ଜି ବିଶୋଧନ କରିବା ପାଇଁ ମିଳୁଥିବା ମେସିନ୍ ସାହାଯ୍ୟରେ ବିଶୋଧନ କଲେ ଅଧିକ ମଞ୍ଜି କମ୍ ପରିଶ୍ରମରେ ଭଲଭାବରେ ବିଶୋଧିତ ହୋଇଥାଏ।

## ଜମି ପ୍ରସ୍ତୁତି ଓ ବୁଣିବା ପ୍ରଣାଳୀ

ଜମିକୁ ୨-୩ଥର ଗଭୀର ଚାଷ କରିବା ଉତ୍ତମ। ମଇ ଦେଇ ମାଟି ଗୁଣ୍ଡ କରି ଜମି ସମତୁଲ କରନ୍ତୁ। ଜମିରେ ଉଇ ପ୍ରବଣତା ଥିଲେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ମିଠା ମକାକୁ ଧାଡ଼ି କରି ଲଗାଇବା ଉଚିତ୍। ଧାଡ଼ିରେ ଲଗାଇଲେ କୋଡ଼ାଖୁସା ଓ ସାର ପ୍ରୟୋଗ ପାଇଁ ସୁବିଧା ହୁଏ। ଖରାଦିନେ ମକାକୁ ୪୨° ତାପମାତ୍ରା ହେବା ପୂର୍ବରୁ ଅମଳ କରିବା ପରିସ୍ଥିତି ନ ଆସିଥିଲେ ପରାଗ



ସଙ୍ଗମରେ ଅସୁବିଧା ସୃଷ୍ଟି ହୋଇଥାଏ। ଆମ ଜିଲ୍ଲାର ଶତକଡ଼ା ୮୦ଭାଗରୁ ଉର୍ଦ୍ଧ୍ୱ ମାଟି ଅମ୍ଳୀୟ। ତେଣୁ ମୃତ୍ତିକାର ଅମ୍ଳତା ନିରାକରଣ ପାଇଁ ଚୁନ ପ୍ରୟୋଗ ଆବଶ୍ୟକ। ଜମିର ଶେଷଓଡ଼ ଚାଷ ସମୟରେ ଏକର ପିଛା ୨କ୍ୱିଣ୍ଟାଲ କାଗଜକଳ ମଇଳା ପ୍ରୟୋଗ କଲେ ଜମିର ଅମ୍ଳତା ଦୂରିଭୂତ ହୋଇଥାଏ। ଏହାଦ୍ୱାରା ଗଛ ମାଟିରୁ ଆବଶ୍ୟକୀୟ ଖାଦ୍ୟସାର ପାଇଥାଏ।

## ସାର ପ୍ରୟୋଗ

ବିହନ ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୪୦କ୍ୱିଣ୍ଟାଲ ସଢ଼ା ଗୋବର ଖତ ଓ ୨କ୍ୱିଣ୍ଟାଲ କାଗଜକଳ ମଇଳା ମାଟିରେ ମିଶାଇବା ଉଚିତ୍। ମଧୁରମକା ଫସଲ ଚାଷ ପୂର୍ବରୁ ମାଟି ପରୀକ୍ଷା କରି ସାର ପ୍ରୟୋଗ କଲେ ଉତ୍ତମ ଫଳ ମିଳିଥାଏ। ହେକ୍ଟର ପ୍ରତି ୧୨୦କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ ସାର ସହ ୨୪ କି.ଗ୍ରା. ଦସ୍ତା ଏହି ଚାଷରେ ପ୍ରୟୋଗ କରାଯାଏ। ସମୁଦାୟ ଫସ୍‌ଫରସ୍, ପଟାସ୍ ଓ ଦସ୍ତା ମୂଳ ସାର ହିସାବରେ ଦେଇ ଯବକ୍ଷାରଜାନକୁ ୫ଭାଗରେ ବିଭକ୍ତ କରି ଦିଆଯାଏ। ୧୦% ଯବକ୍ଷାରଜାନ ମଧ୍ୟ ମୂଳସାର ହିସାବରେ ଦିଆଯାଏ। ୩୦% ଯବକ୍ଷାରଜାନ ବୁଣିବାର ୧୦ଦିନ ପରେ, ୩୦% ଯବକ୍ଷାରଜାନ ୨୫ ଦିନ ପରେ (ଆଣ୍ଠୁ ଉଚ୍ଚତା), ୩୦% ଗଛରେ ଚଅଁର ଆସିଲେ ଓ ଅବଶିଷ୍ଟ ୧୦% କ୍ଷୀର ଢୋକିବା ବେଳେ ଦିଆଯାଏ। ଏବେ ଜଳ ଦ୍ରବୀଭୂତ ସାର ବଜାରରେ ଆସିଗଲାଣି, ଯାହାର ପ୍ରୟୋଗ କମ୍ ଖର୍ଚ୍ଚରେ ଅଧିକ ଫଳପ୍ରଦ ହୋଇପାରିବ। ଏହାକୁ ବୁନ୍ଦା ଓ ସିଞ୍ଚନ ଜଳସେଚନ ମାଧ୍ୟମରେ ବିନିଯୋଗ କଲେ ଅଧିକ ସୁଫଳ ମିଳିଥାଏ।

## ଜଳସେଚନ ପରିଚାଳନା

ପ୍ରାୟ ୨୭ ହଜାର ହେକ୍ଟର ମକା ଜମିରୁ ମାତ୍ର ୩୨୦ ହେକ୍ଟର ଶୀତ ଓ ଖରା ଋତୁରେ ଆମ ଜିଲ୍ଲାରେ ଚାଷ କରାଯାଏ। ବର୍ଷାଦିନିଆ ଫସଲ ପାଇଁ ସାଧାରଣତଃ ଜଳସେଚନର ଆବଶ୍ୟକତା ପଡ଼ି ନଥାଏ, ବରଂ ଜଳ ନିଷ୍କାସନର ଆବଶ୍ୟକ ଥାଏ। କାରଣ ଗଛ ମୂଳରେ ପାଣି ଜମି ରହିଲେ ଗଛ ଭଲ ଭାବରେ ବଢ଼ିପାରେ ନାହିଁ, ଉତ୍ତମ ଫଳନ୍ତି ମକା ଗଛ ଦୈନିକ ୨-୩ଲିଟର ପାଣି ଆବଶ୍ୟକ କରି ଏହାର ଜୀବନକାଳ ମଧ୍ୟରେ ୪୦-୫୦ସେ.ମି. ଜଳ ଗ୍ରହଣ କରେ। ଏଣୁ ଫସଲର ସଙ୍କଟ କାଳ ଯଥା ପ୍ରାରମ୍ଭିକ ଚାରା ଅବସ୍ଥା, ଆଣ୍ଠୁଉଚ୍ଚତା, ଫୁଲ ଧରିବା (ଚଅଁର) ଓ ଦାନା ବାନ୍ଧିବା ଏହି ସମୟରେ ଆବଶ୍ୟକ ଅନୁଯାୟୀ ଜଳସେଚନ ଦିଆଯିବା ଦରକାର। ବର୍ଷାଦିନିଆ ମକାରେ ଜଳ ନିଷ୍କାସନ ଯେପରି ଅପରିହାର୍ଯ୍ୟ, ଖରାଦିନିଆ ଫସଲରେ ଠିକ୍ ସମୟରେ ଜଳସେଚନ ସେହିପରି ଫଳପ୍ରଦ ହୋଇଥାଏ।

## ଘାସ ପରିଚାଳନା

ଅନାବନା ଘାସ ମକାଚାଷ ପାଇଁ ବହୁତ କ୍ଷତିକାରକ। ମକା ଲଗାଇବାର ୨୧ଦିନ ପରେ ଜମିକୁ କୋଡ଼ାଖୁସା କରି ଘାସ ବାଛିବା ଦରକାର। ଏହାଦ୍ୱାରା ମାଟି ହାଲୁକା ହୁଏ ଓ ସାର ପ୍ରୟୋଗ ପାଇଁ ସୁବିଧା ହୁଏ। ସାର ଦେଇ ହୁଡ଼ା ଟେକିବା ନିହାତି ଦରକାର କାରଣ ଗଛ ଶକ୍ତ ହୁଏ ଓ ଫଳର ଆକାର ସାଧାରଣତଃ ବଡ଼ ହୋଇଥାଏ। ଏହାଛଡ଼ା ବର୍ଷା ଦିନରେ ଜମି ସନ୍ତସନ୍ତିଆ ଓ ଶ୍ରମିକ ଅଭାବରୁ ରାସାୟନିକ ଉପାୟରେ ଘାସ ଦମନ କରାଯିବା ଦରକାର। ମକା ଜମିରୁ ଘାସ ଦମନପାଇଁ ଫାସମରା ଔଷଧ ଆଟ୍ରାଜିନକୁ ହେକ୍ଟରପିଛା ୧-୧.୫ଗ୍ରା.ହିସାବରେ ୬୦୦ ଲିଟର ପାଣିରେ ଗୋଳାଇ କିମ୍ବା ୨-୨.୫ କି.ଗ୍ରା. ଆଟ୍ରାଟାଫ୍ ବା ୨.୫ ଲିଟର ଷ୍ଟମ୍ପ ବା ୨ଲିଟର ଲାସୋକୁ ୧୦୦୦ ଲିଟର ପାଣିରେ ମିଶାଇ ମକା ମଞ୍ଜି ବୁଣିବାର ୧-୨ ଦିନ ମଧ୍ୟରେ ସ୍ପ୍ରେ କଲେ ଏକ ମାସ ପର୍ଯ୍ୟନ୍ତ ଜମିକୁ ଘାସ ଦାଉରୁ ରକ୍ଷା କରାଯାଇପାରେ। ଏହିସବୁ ଔଷଧ ବାଲିରେ ମିଶାଇ ପ୍ରୟୋଗ କରାଯାଇ ପାରେ କିନ୍ତୁ ସେ ସମୟରେ ମାଟିରେ ବତର ଥିବା ନିହାତି ଆବଶ୍ୟକ।

## ଫସଲ ସୁରକ୍ଷା

ମଧୁର ମକା ଫସଲରେ ସାଧାରଣତଃ କାଣ୍ଡବିନ୍ଧା ପୋକ ବିଶେଷ କ୍ଷତି କରିଥାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ମି.ଲି. ଟ୍ରାଇଜୋଫସ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମକା ଫସଲର ମଝିରେ ଝୁଡ଼ଙ୍ଗ / ବିନ୍ (୧:୧ କିମ୍ବା ୨:୨)



ଚାଷକଲେ ଲାଭମିଳିଥାଏ । ପତ୍ରଦାଗ ରୋଗ ପାଇଁ ଏକର ପ୍ରତି ମାଙ୍କୋଜେବ୍ ୫୦୦ଗ୍ରାମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପକ୍ଷୀ, ବିଶେଷ କରି ଶୁଆ ଚଢ଼େଇଠାରୁ ରକ୍ଷା ପାଇଁ ୫% ମାଲାଥିଅନ୍ ଗୁଣ୍ଡଜମିର ଚାରି କଡ଼ରେ ପ୍ରୟୋଗ କରିବା ଉଚିତ୍ ଓ କ୍ଷେତରେ ମଝିରେ ମଝିରେ ଖାଲି ଡ଼ବାକୁ ବଜାଇ ଶବ୍ଦକରି ପକ୍ଷୀକୁ ଭଗାଇ ଦିଆଯାଇପାରିବ ।

## ଅନ୍ତଃଚାଷ

ମକା ଫସଲ ପରି ମଧୁର ମକାରେ ମଧ୍ୟ ଚାଷୀମାନେ ଅନ୍ତଃଚାଷ କରି ଲାଭ ପାଇ ପାରିବେ । ବୈଜ୍ଞାନିକ ପଦ୍ଧତିରେ ମକା, ଝୁଡ଼ଙ୍ଗ ୧:୧ ବା ୨:୨ ଅନୁପାତରେ ଚାଷକଲେ ଅଧିକ ଲାଭ ମିଳିଥାଏ । ଖରାଟିଆ ମକା ଜମି ମଧ୍ୟରେ ଜହ୍ନି, କାକୁଡ଼ି, କଲରା ପରି ଲତା ଜାତୀୟ ଫସଲ ଚାଷକଲେ ଖର୍ଚ୍ଚ ତୁଳନାରେ ଅଧିକ ଲାଭ ମିଳିଥାଏ ।




## ଅମଳ

ଚଅଁର ଆସିବାର ୨୧ଦିନ ପରେ ମିଠା ବା ମଧୁର ମକା ଅମଳ କରାଯାଏ । ଏହି ସମୟରେ ମକା ନରମ ଥାଏ ଓ ସ୍ୱାଦୁକର ହୋଇଥାଏ । ଅମଳ ପରେ ଯଥାଶୀଘ୍ର ବିକ୍ରୀବଟାର ବ୍ୟବସ୍ଥା କରିବା ଉଚିତ୍ । ଏକ ହେକ୍ଟର ଜମିରୁ ସାଧାରଣତଃ ୧୮୦ କ୍ୱିଣ୍ଟାଲ କଞ୍ଚା ମକା ମିଳିଥାଏ । ମକାକୁ କଞ୍ଚା, ସିଝାଇ ଓ ସ୍ୱିଟକର୍ନ ଚାଟ ପ୍ରସ୍ତୁତ କରି ଖାଇହେବ । ମକା ତୋଳି

ସାରିଲା ପରେ ମକା ଗଛକୁ ଉତ୍ତମ ପଶୁ ଆହାର ରୂପେ ବ୍ୟବହାର କରାଯାଇ ପାରିବ । ମକା ଭଣ୍ଡାକୁ ଗୋବର ଲେପ ଦେଇ ଶୁଖାଇଲା ପରେ ଉତ୍ତମ ଜାଳେଣୀ ରୂପେ ବ୍ୟବହାର କରାଯାଇ ପାରିବ ଓ ବିଭିନ୍ନ ସ୍ଥାନରେ ମକା ନଡ଼ାକୁ ଛତୁ ଉତ୍ପାଦନରେ ବ୍ୟବହାର କରାଯାଇ





## ଆୟବ୍ୟୟ

ଏକ ଏକର ମିଠାମକା ଚାଷ କଲେ ହାରାହାରି ୫୦ ହଜାର ଟଙ୍କା ଲାଭ ହୋଇଥାଏ । ତେଣୁ ଆମ ଜିଲ୍ଲାର ଚାଷୀଭାଇମାନେ ଆମ ଜିଲ୍ଲାର ଜମି ଓ ଜଳବାୟୁ ଅନୁସାରେ ମଧୁର ବା ମିଠା ମକା ଚାଷ କରି ଆର୍ଥିକ ସ୍ୱଚ୍ଛଳ ହୋଇପାରିବେ ।



# ହେକ୍ଟରପ୍ରତି ମଧୁର ମକା ଚାଷରେ ଲାଭ

| ଉପାଦାନ | ଆନୁମାନିକ ଖର୍ଚ୍ଚ (ହେକ୍ଟର ପ୍ରତି) |
|---|---|
| ଜମିପ୍ରସ୍ତୁତି, ବିହନ ଉପଚାର<br>ହୁଡ଼ାକରଣ, ମକା ଅମଳ<br>ଜଳସେଚନ ଇତ୍ୟାଦି | ୨୦,୦୦୦ଟଙ୍କା |
| ସାର, ମଞ୍ଜି ଓ ଖତ | ୩୦,୦୦୦ ଟଙ୍କା |
| ସର୍ବମୋଟ ଖର୍ଚ୍ଚ | ୫୦,୦୦୦ ଟଙ୍କା |
| ମୋଟ ଆଦାୟ | ୧୮୦ କ୍ୱିଣ୍ଟାଲ |
| କ୍ୱିଣ୍ଟାଲ ପିଛା ମୋଟ ଆୟ | ୧,୮୦,୦୦୦ ଟଙ୍କା |
| ମୋଟ୍ ଲାଭ | ୧,୩୦,୦୦୦ ଟଙ୍କା |




**ମଧୁର ମକା ଚାଷ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା କିମ୍ବା ସ୍ଥାନୀୟ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।**











Published By: KVK, Kendrapara

Design & Print : ankita graphics, BBSR, Cell: 9437077337, saroj77337@gmail.com